
# ଗଣିତ ମଜା

## ତୃତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୋର ନାମ :..............................................

ମୋ ବାପାଙ୍କ ନାମ :..............................................

ମୋ ମା'ଙ୍କ ନାମ :..............................................

ମୋ ବିଦ୍ୟାଳୟର ନାମ :..............................................

ମୋ ଶ୍ରେଣୀ ଶିକ୍ଷକ /

ଶିକ୍ଷୟିତ୍ରୀଙ୍କ ନାମ :..............................................

ମୋ ଗାଁ / ସାହି :..............................................

# ଗଣିତ ମଜା

## ତୃତୀୟ ଶ୍ରେଣୀ

(ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

(ପରୀକ୍ଷାମୂଳକ ସଂସ୍କରଣ)

ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ



ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ,
ଓଡ଼ିଶା, ଭୁବନେଶ୍ୱର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

# ଗଣିତ ମଜା

ତୃତୀୟ ଶ୍ରେଣୀ


**ଲେଖକ ମଣ୍ଡଳୀ :**

ଶ୍ରୀ ନଗେନ୍ଦ୍ର କୁମାର ମିଶ୍ର
ଶ୍ରୀ ତାପସ କୁମାର ନାୟକ
ଶ୍ରୀ ଚର୍ତୁଭୁଜ ପ୍ରଧାନ

**ସମୀକ୍ଷକ :**

ଶ୍ରୀ ଜଗବନ୍ଧୁ ମିଶ୍ର
ଶ୍ରୀ ଚର୍ତୁଭୁଜ ପ୍ରଧାନ

**ସଂଯୋଜନା :**

ପ୍ରୀତିଲତା ଜେନା



**ପ୍ରକାଶକ :**


ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

**ଦ୍ୱିତୀୟ ମୁଦ୍ରଣ ବର୍ଷ :** ୨୦୧୦
୨୦୧୧

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର






ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁଯେଉଁ ଭେଟି ଦେଉଅଛି ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧୀ


# ସୂଚୀପତ୍ର



| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | କାଗଜ ଖେଳ | ୧ |
| ୨. | ବସ୍ତୁର ଆକୃତି ଜାଣିବା | ୧୪ |
| ୩. | ଚାଲ ଆମେ ଗଣିବା | ୨୩ |
| ୪. | ଆସ ଆମେ ଖେଳିବା | ୩୦ |
| ୫. | ଆଗ ପଛ ଜାଣିବା | ୩୪ |
| ୬. | ଯୋଡ଼ ଓ ବେଯୋଡ଼ ସଂଖ୍ୟା ଚିହ୍ନିବା | ୩୭ |
| ୭. | ସ୍ଥାନ ଜାଣିବା | ୪୨ |
| ୮. | କିଏ ବେଶୀ କିଏ କମ୍ | ୪୬ |
| ୯. | ଆସ ମିଶାଣ ଶିଖିବା | ୫୩ |
| ୧୦. | ଫେଡ଼ାଣ ଜାଣିବା | ୫୯ |
| ୧୧. | ଆସ ହିସାବ କରିବା | ୬୯ |
| ୧୨. | ଆସ ବାଣ୍ଟିବା | ୮୦ |
| ୧୩. | ମାପ କରିବା | ୯୩ |
| ୧୪. | ଓଜନ ଓ ପରିମାଣ ଜାଣିବା | ୧୦୪ |
| ୧୫. | କ୍ୟାଲେଣ୍ଡରରୁ ଶିଖିବା | ୧୧୮ |
| ୧୬. | ଟଙ୍କା ପଇସା ହିସାବ | ୧୨୨ |
| ୧୭. | ସମୟ କହେ ମୁଁ ଠିକ୍ ଠିକ୍ | ୧୨୯ |
| ୧୮. | ତଥ୍ୟ ଜାଣିବା | ୧୩୯ |

# କାଗଜ ଖେଳ

ଟିଙ୍କୁ ଓ ମିଙ୍କୁ କାଗଜ ନେଇ ଖେଳିବା ଆରମ୍ଭ କରିଦେଲେ । କାଗଜକୁ ଭାଙ୍ଗି ସେଥିରେ ଡଙ୍ଗା, ଫଟକା, ଟୋପି, ଟ୍ରେ, ବଲ ପ୍ରଭୃତି ତିଆରି କଲେ । ପ୍ରଥମେ ଟିଙ୍କୁ ଖାତାରୁ କାଗଜଟିଏ ଚିରି ସେଥିରେ କ'ଣ ତିଆରି କଲା ଦେଖ :-





ଟିଙ୍କୁ କାଗଜକୁ ଭାଙ୍ଗି ସେଥିରେ କ'ଣ ତିଆରି କଲା ? ☐

ତୁମେ କାଗଜଭାଙ୍ଗି ସେହିଭଳି ତିଆରି କର ।

> **ଶିକ୍ଷକଙ୍କ ପାଇଁ ସୂଚନା :** କାଗଜରେ ଡଙ୍ଗା ତିଆରି ହେବାଭଳି ଫଟକା, ଟୋପି, ଟ୍ରେ, ଉଡ଼ାଜାହାଜ, ବଲ ଇତ୍ୟାଦି ତିଆରି କରିବା ପିଲାଙ୍କୁ ଶିଖାଯିବ ।


ଚିତ୍ରରେ ଦିଆଯାଇଥିବା ଭଳି ଖଣ୍ଡେ ଚାରି କୋଣିଆ କାଗଜ ନିଅ । ଏହାର ଗୋଟିଏ କୋଣକୁ ଭାଙ୍ଗିଦିଅ । ଦାଗ ପଡ଼ିଲା ଭଳି ତାକୁ ଖୁବ୍ ଜୋରରେ ଚାପିଦିଅ । କଇଁଚି ସାହାଯ୍ୟରେ ଦାଗ ପଡ଼ିଥିବା ସ୍ଥାନରୁ କାଟିଦିଅ । ତୁମେ ଯେଉଁ ଆକୃତି ପାଇଲ ତାକୁ **ତ୍ରିଭୁଜ** କୁହାଯାଏ ।



ଏବେ ଆଉ ଖଣ୍ଡିଏ କାଗଜ ନିଅ ଓ ତାହାକୁ ରଙ୍ଗଦିଅ । କାଗଜକୁ କାଟି ତ୍ରିଭୁଜ ତିଆରି କର ଓ ଏହି ତ୍ରିଭୁଜକୁ ତୁମେ ଖାତା ଉପରେ ଅଠାରେ ଲଗାଅ ।




ତ୍ରିଭୁଜରେ ତିନିପଟରେ ଥିବା ଗାରକୁ ଏହାର ବାହୁ କୁହାଯାଏ । ତ୍ରିଭୁଜର କେତୋଟି ବାହୁ ଅଛି ?





ଏଠାରେ ଦିଆଯାଇଥିବା ତ୍ରିଭୁଜର ନାମ ହେଉଛି କଖଗ ।
ଏହାର ତିନୋଟି ବାହୁର ନାମ କଖ, ଖଗ ଓ ଗକ ।

**ତଳେ ଦିଆଯାଇଥିବା ପ୍ରତ୍ୟେକ ତ୍ରିଭୁଜ ଓ ତାର ବାହୁମାନଙ୍କର ନାମ ଲେଖ ।**




ତୁମ ଖାତାରେ ଦିଆସିଲିଟିଏ ରଖି ତା ଚାରିପାଖରେ ପେନ୍‌ସିଲ୍‌ରେ ଗାର ଟାଣ । ଦେଖ କିପରି ଚିତ୍ର ପାଉଛ । ଏ ପ୍ରକାରର ଆକୃତିକୁ ଆୟତଚିତ୍ର କୁହାଯାଏ । ଏହାର ଭିତର ଅଂଶରେ ରଙ୍ଗ ଦିଅ ।




ଏହାର ଚାରିପାଖକୁ ଚିହ୍ନାଉଥିବା ଗାରକୁ ବାହୁ କୁହାଯାଏ । ଆୟତଚିତ୍ରର କେତୋଟି ବାହୁ ଅଛି ?




ଏହି ଆୟତଚିତ୍ରର ନାମ କଖଗଘ ।
ଏହାର ବାହୁମାନଙ୍କର ନାମ କଖ, ଖଗ, ଗଘ, ଘକ ।

- **ତଳେ ଦିଆଯାଇଥିବା ଆୟତଚିତ୍ରମାନଙ୍କର ନାମ ଲେଖ ।**




ସାଇକେଲ ଭଲ୍‌ବଟ୍ୟୁବରେ, ଦିଆସିଲି କାଠି ବା ଖଡ଼ିକା କାଠିକୁ ଯୋଡ଼ି ତ୍ରିଭୁଜ ତିଆରି କରିହେବ। ତିନୋଟି କାଠି ଓ ତିନୋଟି ଭଲ୍‌ବଟ୍ୟୁବ ଦ୍ୱାରା ଗୋଟିଏ ତ୍ରିଭୁଜ ତିଆରି କର।



ପୂର୍ବରୁ ଦିଆଯାଇଥିବା କଖଗଘ ଆୟତଚିତ୍ରର ବାହୁର ଦୈର୍ଘ୍ୟ ମାପର ଚାରୋଟି କାଠିନେଇ ଆୟତଚିତ୍ର ତିଆରି କର।



- ଚାରୋଟି ସମାନ ମାପର ଦିଆସିଲି କାଠି ନେଇ ଭଲ୍‌ବଟ୍ୟୁବ ଦ୍ୱାରା ଯୋଡ଼ି ନିମ୍ନରେ ଦିଆଯାଇଥିବା ଆକୃତି ତିଆରି କର।




ଏ ପ୍ରକାର ଆକୃତିକୁ ବର୍ଗଚିତ୍ର କୁହାଯାଏ।

**ଆସ, କାଗଜ କାଟି ବର୍ଗଚିତ୍ର ତିଆରି କରିବା।**




- ତୁମ ଖାତାରୁ ଗୋଟିଏ ପୃଷ୍ଠା ଆୟତାକାର ଆକୃତିର କାଗଜ ନିଅ।
- ଚିତ୍ରରେ ଦେଖାଯାଇଥିବା ଭଳି ଏହାର କ୍ଷୁଦ୍ରତମ (ସାନ) ପାଖଟିକୁ ବଡ଼ପାଖ ଉପରେ ଭାଙ୍ଗ।
- କାଗଜର ବଳକା ଅଂଶକୁ କଇଁଚି ସାହାଯ୍ୟରେ କାଟିଦିଅ।
- ଏବେ ଭଙ୍ଗାଯାଇଥିବା ଅଂଶକୁ ଖୋଲିଦିଅ।
- ତୁମେ ଗୋଟିଏ ବର୍ଗଚିତ୍ର ପାଇବ।
- ଏହି ବର୍ଗଚିତ୍ରଟିକୁ ରଂଗ କର।

ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଲକ୍ଷ୍ୟ କର ।




(ଚିତ୍ର - ୧)





(ଚିତ୍ର - ୨)

କଖଗଘକୁ କି ପ୍ରକାର ଚିତ୍ର କୁହାଯିବ ?  ପଫବଭକୁ କି ପ୍ରକାର ଚିତ୍ର କୁହାଯିବ ?

ଉଭୟ ବର୍ଗଚିତ୍ର ଓ ଆୟତଚିତ୍ରର ବାହୁମାନଙ୍କର ଉପରେ ସେହି ମାପର କାଠି ସଜାଡ଼ । ପ୍ରତ୍ୟେକର ଦୈର୍ଘ୍ୟରେ କି ସଂପର୍କ ଲକ୍ଷ୍ୟ କରୁଛ ଲେଖ ।


ବର୍ଗଚିତ୍ରର ସମସ୍ତ ବାହୁର ଦୈର୍ଘ୍ୟ ସମାନ ।
ଆୟତଚିତ୍ରର କେବଳ ବିପରୀତ ବାହୁମାନଙ୍କର ଦୈର୍ଘ୍ୟ ସମାନ ।




ଆୟତଚିତ୍ରର ବିପରୀତ କୋଣ (ଶୀର୍ଷ) ମାନଙ୍କୁ ବିନ୍ଦୁ ଦ୍ୱାରା ଯୋଡ଼ାଯାଇଛି । ବିନ୍ଦୁଗୁଡ଼ିକୁ ଯୋଡ଼ ।

ଏହାଦ୍ୱାରା କଗ ଓ ଖଘ ରେଖାଖଣ୍ଡ ସୃଷ୍ଟି ହେଉଛି । ଏମାନଙ୍କୁ ଆୟତଚିତ୍ରର କର୍ଣ୍ଣ କୁହାଯାଏ ।

ତୁମେ ସେହିଭଳି ପାଖ ବର୍ଗଚିତ୍ରରେ କର୍ଣ୍ଣ ଟାଣି ସେମାନଙ୍କର ନାମ ଲେଖ ।






- ଏବେ ତଳ ସାରଣୀରେ ଥିବା ଠିକ୍ ଉତ୍ତରରେ ମୁଣ୍ଡୁଳା ବୁଲାଅ ।


| | ବର୍ଗଚିତ୍ର | ଆୟତ ଚିତ୍ର |
|---|---|---|
| ବାହୁ ସଂଖ୍ୟା | ୨ ୪ ୬ | ୨ ୪ ୬ |
| ଶୀର୍ଷ (କୋଣ) ସଂଖ୍ୟା | ୩ ୪ ୫ | ୩ ୪ ୫ |
| କର୍ଣ୍ଣ ସଂଖ୍ୟା | ୧ ୨ ୪ | ୧ ୨ ୪ |
| ବିପରୀତ ବାହୁମାନଙ୍କର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |
| ପ୍ରତ୍ୟେକ ବାହୁର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |
| କର୍ଣ୍ଣମାନଙ୍କର ଦୈର୍ଘ୍ୟ | ସମାନ ଅଲଗା | ସମାନ ଅଲଗା |


# ଅଭ୍ୟାସ

୧. ତ୍ରିଭୁଜକୁ  ରଙ୍ଗ, ଆୟତଚିତ୍ରକୁ  ରଙ୍ଗ, ବୃତ୍ତକୁ **କଳା** ରଙ୍ଗ ଓ ବର୍ଗଚିତ୍ରକୁ **ହଳଦିଆ** ରଙ୍ଗ କର ।













୨. ତଳେ ପ୍ରତ୍ୟେକ ଚିତ୍ରରେ କେତୋଟି ଲେଖାଏଁ ତ୍ରିଭୁଜ ଅଛି ଗଣି କହ ।









୩.  ତଳେ ଦିଆଯାଇଥିବା ଆକୃତିକୁ ଦେଖ । କାଗଜକୁ କାଟି ବିଭିନ୍ନ ମାପର ତ୍ରିଭୁଜ ଅଙ୍କନ କରି ଅଠାଦ୍ୱାରା ସଜାଇ ଠିକ୍ ଏହିଭଳି ଆକୃତି ତିଆରି କର ।



୪.  ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର ଓ ସେମାନଙ୍କର ଧାରଗୁଡ଼ିକୁ ଦେଖ । ଗୁଡ଼ିର ଧାରଗୁଡ଼ିକ ସିଧା କିନ୍ତୁ ଚକର ଧାର ସିଧା ନୁହେଁ । ଚକର ଧାର ହେଉଛି ବକ୍ର ।





(କ) ତୁମ ଚାରି ପଟରେ ଦେଖୁଥିବା ଜିନିଷ ମଧ୍ୟରୁ କେଉଁମାନଙ୍କର ଧାରଗୁଡ଼ିକ କେବଳ ସିଧା ?

(ଖ) କେବଳ ବକ୍ର ଧାର ଥିବା ତିନୋଟି ଜିନିଷର ନାମ ଲେଖ ।

(ଗ)






ମୋ ଚିତ୍ରରେ କେଉଁ ପ୍ରକାରର ଧାର ଅଛି ?

(ଘ) ସିଧା ଧାର ଥିବା ଜିନିଷଗୁଡ଼ିକର ନାମ କହ ଓ ଲେଖ ।

୫. (କ) ଖଣ୍ଡିଏ ଆୟତଚିତ୍ର ଆକୃତିର କାଗଜ ନିଅ। ଏହାର କେତୋଟି କୋଣ (ଶୀର୍ଷ) ଅଛି ? ଏହି କାଗଜଟିକୁ ଏପରି ଭାବରେ ଭାଂଗ ଯେପରି ତାହାର ତିନୋଟି କୋଣ (ଶୀର୍ଷ) ରହିବ। ତୁମେ କିପରି ଭାଙ୍ଗିଲ ତୁମ ସାଙ୍ଗମାନଙ୍କୁ ଦେଖାଅ।


(ଖ) କାଗଜ କାଟି ପାଞ୍ଚଟି ସିଧା ଧାର ଥିବା ଗୋଟିଏ ଆକୃତି ତିଆରି କର। ଏହାକୁ ତୁମ ଖାତାରେ ଅଠାରେ ଲଗାଅ। ଏହାର କେତୋଟି ଶୀର୍ଷ ରହିବ ?

୬. ଖାଲି ସ୍ଥାନ ପୂରଣ କର ।

| ଚିତ୍ର | ଚିତ୍ରର ନାମ | ବାହୁ ସଂଖ୍ୟା | ଶୀର୍ଷ ସଂଖ୍ୟା |
|---|---|---|---|
|  | ବର୍ଗଚିତ୍ର | | |
|  | | | |
|  | | | |
|  | | | |


୭. ଜ୍ୟାମିତି ବାକ୍ସରେ ଥିବା ସେଟସ୍କୋୟାର ବ୍ୟବହାର କରି ଖାତାରେ ତ୍ରିଭୁଜ ଅଙ୍କନ କର।

## ଟ୍ୟାନ୍‌ଗ୍ରାମ୍‌ରୁ ଚିତ୍ର





ଉପରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟକର । ଏହା ଏକ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍ । ଚୀନ ଦେଶରେ ଏହାକୁ ପ୍ରଥମେ ବ୍ୟବହାର କରି ବିଭିନ୍ନ ଚିତ୍ର ତିଆରି କରୁଥିଲେ । ତୁମେ ଖଣ୍ଡିଏ ବର୍ଗାକାର ଆକୃତିର କାଗଜ ନେଇ ତାକୁ (ଉପର ଚିତ୍ରରେ ଦେଖାଯାଇଥିବା ଭଳି) କାଟି ପାଞ୍ଚଖଣ୍ଡ କର । ସେଗୁଡ଼ିକୁ ୧ , ୨ , ୩, ୪ , ୫ ନାମ ଦିଅ ।

- ଏହି ପାଞ୍ଚଟି ଖଣ୍ଡ ମଧ୍ୟରୁ କେଉଁ ଦୁଇଟି ଖଣ୍ଡ ପୂରାପୂରି ସମାନ ?
- ଏହି ପାଞ୍ଚଟି ଖଣ୍ଡ ମଧ୍ୟରେ କେତୋଟି ତ୍ରିଭୁଜ ଓ କେତୋଟି ବର୍ଗଚିତ୍ର ଅଛି ?
- ଏହି ପାଞ୍ଚଟି ଖଣ୍ଡ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକୁ ତିଆରି କର ।



ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍ ଭଳି ତୁମେ ମଧ୍ୟ ସାତଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍ ତିଆରି କରିପାରିବ।




ତୁମେ ବର୍ଗାକାର କାଗଜ ଖଣ୍ଡିଏ ନେଇ ଚିତ୍ରରେ ଦେଖାଯାଇଥିବା ଭଳି କାଟି ତାହାକୁ ସାତଖଣ୍ଡ କରି ୧,୨,୩,୪,୫,୬,୭ ନାମ ଦିଅ।


- ସାତ ଖଣ୍ଡ ମଧ୍ୟରୁ କେତୋଟି ତ୍ରିଭୁଜ ଅଛି ?

- କେବଳ ତ୍ରିଭୁଜକୁ ବ୍ୟବହାର କରି ନିମ୍ନ ଆକୃତି ତିଆରି କରିବାକୁ ଚେଷ୍ଟାକର।



- କେବଳ ୨,୩ ଓ ୫ ନମ୍ବର ଖଣ୍ଡକୁ ବ୍ୟବହାର କରି ଆୟତଚିତ୍ରଟିଏ ତିଆରି କର।

- ୧,୨,୩,୪ ଓ ୫ ନମ୍ବର ଖଣ୍ଡକୁ ବ୍ୟବହାର କରି ବର୍ଗଚିତ୍ରଟିଏ ତିଆରି କର। ଟ୍ୟାନଗ୍ରାମ୍‌ର ସାତଟି ଖଣ୍ଡ ମଧ୍ୟରୁ ଆବଶ୍ୟକ ଖଣ୍ଡଗୁଡ଼ିକୁ ନେଇ ନିମ୍ନଲିଖିତ ଆକୃତିଗୁଡ଼ିକ ତିଆରି କରିବାକୁ ଚେଷ୍ଟାକର -





- ପୂର୍ବ ପୃଷ୍ଠାରେ ଦିଆଯାଇଥିବା ଆକୃତିଗୁଡ଼ିକ ବ୍ୟତୀତ ଟ୍ୟାନଗ୍ରାମର ସାତଟିଯାକ ଖଣ୍ଡକୁ ଯୋଡ଼ି ଅନ୍ୟ ଆକୃତି ପ୍ରସ୍ତୁତ କର ।

## ବିନ୍ଦୁରୁ ଚିତ୍ର




କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଧିକାର ଘର । ସେ ତୃତୀୟ ଶ୍ରେଣୀରେ ପଢ଼େ । ସକାଳୁ ଉଠି ଘର ଅଗଣାରେ ମୁରୁଜ ପକାଇବା ତାର ପ୍ରିୟ କାମ । ରାଧିକା କିପରି ମୁରୁଜ ପକାଉଛି ଲକ୍ଷ୍ୟକର ।




ତୁମ ଘରେ ବା ସାଙ୍ଗସାଥୀମାନଙ୍କ ଘରେ ଏହି ଭଳି ମୁରୁଜ ଚିତା ବା ଝୋଟି ଚିତା ହେଉଥିବାର ଦେଖିଥିବ ।


ସେହିଭଳି କିଛି ଚିତା ତୁମ ଖାତାରେ ତିଆରି କର ।

ନିମ୍ନରେ ବିନ୍ଦୁମାନଙ୍କର ଏକ ଗ୍ରୀଡ଼ରେ କେତେକ ପ୍ରତିରୂପ ଅଙ୍କନ କରାଯାଇଛି । ତୁମେ ସେଗୁଡ଼ିକୁ ଲକ୍ଷ୍ୟ କର । ଡାହାଣପଟେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ଠିକ୍ ସେହିଭଳି ଚିତ୍ର ଅଙ୍କନ କର ।











# ଅଭ୍ୟାସ


୧. ବିନ୍ଦୁ ଗ୍ରୀଡ଼କୁ ବ୍ୟବହାର କରି ଦୁଇ ପ୍ରକାରର ଚିତ୍ର କରାଯାଇଛି । ତୁମେ ଆଉ ତିନି ପ୍ରକାରର ଚିତ୍ର ଅଙ୍କନ କର ।




୨. ତଳେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼କୁ ବ୍ୟବହାର କରି ସେଥିରେ ତ୍ରିଭୁଜ, ବର୍ଗଚିତ୍ର ଓ ଆୟତଚିତ୍ର ଅଙ୍କନକର ।




୩. ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ପେନସିଲ, ଗ୍ଲାସ, ଗଛ ଓ ମାଛ ଚିତ୍ର ଅଙ୍କନ କର ।



୪. ତଳେ ଦିଆଯାଇଥିବା ବିନ୍ଦୁ ଗ୍ରୀଡ଼ରେ ବର୍ଗଚିତ୍ର ଓ ଆୟତଚିତ୍ର ଗୁଡ଼ିକୁ ସଂପୂର୍ଣ୍ଣ କର ।



୫. ତଳ ବିନ୍ଦୁ ଗ୍ରୀଡ଼ରେ ତୁମ ମନରୁ ଯେ କୌଣସି ଦୁଇଟି ଡିଜାଇନ ପ୍ରସ୍ତୁତ କର ।

